## ସଂକ୍ଷେପରେ

### ଶ୍ୟାମଳ ଜଙ୍ଗଲରେ ନିଆଁ



**ଭୁବନ, ୨୧।୩(ଡି.ଏନ.ଏ.):** ଭୁବନ ବନାଞ୍ଚଳ ଅନ୍ତର୍ଗତ ଶ୍ୟାମଳ ସଂରକ୍ଷିତ ଜଙ୍ଗଲରେ ରବିବାର ନିଆଁ ଲାଗିଛି। ଫଳରେ ଶତାଧିକ ଏକରରେ ଥିବା ମୂଲ୍ୟବାନ ଗଛ ଏବଂ ଔଷଧୀୟ ଗୁଳ୍ମ ଜଳିଯାଇଛି। ରେଞ୍ଜର ଅନିତା ସେଠୀଙ୍କ ନେତୃତ୍ୱରେ ବନ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପରେ ଭୁବନ ଅଗ୍ନିଶମ ବାହିନୀର ସହାୟତା ନିଆଯାଇଥିଲା। ଖବର ଲେଖାଯିବା ସୁଦ୍ଧା ନିଆଁ ଲିଭା କାର୍ଯ୍ୟ ଜାରି ରହିଥିଲା।

### ବିଜୁ ପ୍ରିମିୟର ଲିଗ୍: ୪ ଟିମ୍ ବିଜୟୀ

**ପରଜଙ୍ଗ, ୨୧।୩(ଡି.ଏନ.ଏ.):** ପରଜଙ୍ଗ ମିନି ଷ୍ଟାଡିୟମରେ ଚାଲିଥିବା ବିଜୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣାମେଣ୍ଟର ରବିବାର ୪ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ବସୋଇକୁ ହରାଇ ପିଡିରି, ଦ୍ୱିତୀୟ ମ୍ୟାଚ୍‌ରେ ସାଆନ୍ଦାକୁ ହରାଇ ଗଡ଼ପଳାଶୁଣୀ, ତୃତୀୟ ମ୍ୟାଚରେ କଣ୍ଟାପାଳକୁ ହରାଇ ବୀରାଶାଳ, ଚତୁର୍ଥ ମ୍ୟାଚରେ କଙ୍କଡ଼ାହାଡ଼ ଛାତ୍ର ବିଜେଡିକୁ ହରାଇ ପରଜଙ୍ଗ ଛାତ୍ର ବିଜେଡି ଦଳ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ସଂଗ୍ରାମ ଦଳବେହେରା, ସତ୍ୟଜିତ୍ ସାମଲ, ସିଦ୍ଧାର୍ଥ ରାଉତ, ରାଧାକାନ୍ତ ତ୍ରିପାଠୀ, ବିଭୂତି ଭୂଷଣ ଭଞ୍ଜ, ଦୀପୁ ସାମଲ, ଗୁଡୁ ଦଳବେହେରା, ବାବୁଲ ସାହୁ, ରାଧାକାନ୍ତ ତ୍ରିପାଠୀ ପ୍ରମୁଖ ଖେଳ ପରିଚାଳନାରେ ସହାୟତା କରିଥିଲେ।

### ନାଟକ ପରିବେଷଣ ପ୍ରସ୍ତୁତି

**ଭୁବନ, ୨୧।୩(ଡି.ଏନ.ଏ.):** ଭୁବନ କଳାପରିଷଦ ଅନୁଷ୍ଠାନ ପକ୍ଷରୁ ହିଙ୍ଗୁଳା ମହୋତ୍ସବରେ ନାଟକ ପରିବେଷଣ ପାଇଁ ବହି ପୂଜା ସ୍ଥାନୀୟ ବୁଦ୍ଧେଶ୍ୱର ଶୈବପୀଠରେ ଅନୁଷ୍ଠିତ ହୋଇଯାଇଛି। ନାଟକର ଶୀର୍ଷକ ରହିଛି 'ରାଜଧାନୀ ଝିଅ ରାଜନନ୍ଦିନୀ'। ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଦିଲୀପ ଦାସ, ସମ୍ପାଦକ ଗୁରୁପ୍ରସାଦ ମିଶ୍ର, ମ୍ୟାନେଜର ଶ୍ରୀକାନ୍ତ ସାହୁ, କୋଷାଧ୍ୟକ୍ଷ ଅମ୍ବୁଜ ପାଥାଳ, ବିନୋଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟବାଦୀ ସେନାପତି ନାଟକର ନିର୍ଦ୍ଦେଶନା ଦେଉଛନ୍ତି।

### ଅଷ୍ଟପ୍ରହର ନାମଯଜ୍ଞ

**ଢେଙ୍କାନାଳ ଅଫିସ, ୨୧।୩:** ଗଁଦିଆ ବ୍ଲକ କରମୂଳ ମକୁନ୍ଦପୁର ଗ୍ରାମରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆମ୍ବପଡ଼ା, ବାଲିଆକଣ, ବାଲିଯୋରନ୍ଧା, ବଲ୍ଲବ, ବାଗଁଶିଆ, ଆମ୍ବବାହାଲି, କାଠପାଳ, କଙ୍କା ଆଦି ଗ୍ରାମର ମହିଳାପୁରୁଷ ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ। ଗ୍ରାମ ସଭାପତି ମଙ୍ଗୁଳି ଚରଣ ପ୍ରଧାନ, ସମ୍ପାଦକ ନାରାୟଣ ସାମଲଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ବରିଷ୍ଠ ନାଗରିକଙ୍କ ପରଲୋକ

**କାମାକ୍ଷାନଗର, ୨୧।୩(ଡି.ଏନ.ଏ.):** କାମାକ୍ଷାନଗର ମହିମାନଗର ସାହିର ବରିଷ୍ଠ ନାଗରିକ ଶେଷଦେବ ନାୟକ (୬୫)ଙ୍କ ରବିବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ମଧୁମେହରେ ପୀଡ଼ିତ ଥିଲେ। ଜିଲାର ବିଭିନ୍ନ ସ୍ଥାନରେ ଶିକ୍ଷକତା କରି ପ୍ରଶଂସା ଅର୍ଜନ କରିଥିବା ଶେଷଦେବଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ତିମ ସମୟରେ ପୁଅ, ତିନିଝିଅ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ପଙ୍କଜ ନାୟକ ଏଏପିର ଜିଲା ଆବାହକ

**ଢେଙ୍କାନାଳ ଅଫିସ, ୨୧।୩:** ଢେଙ୍କାନାଳ ଜିଲା ଆମ୍ ଆଦମୀ ପାର୍ଟି (ଏଏପି)ର ଏକ ଜରୁରୀ ବୈଠକ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ୬୬ଜଣ ସକ୍ରିୟ ସଦସ୍ୟଙ୍କ ଉପସ୍ଥିତିରେ ଦଳର ପ୍ରତିଷ୍ଠାତା ସଦସ୍ୟ ପଙ୍କଜ କୁମାର ନାୟକଙ୍କୁ ଜିଲା ଆବାହକ ଭାବେ ମନୋନୀତ କରାଯାଇଛି। ଜିଲା ପର୍ଯ୍ୟବେକ୍ଷକ ଡ. ସରୋଜ ରଥଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ଏବଂ ଗଣତନ୍ତ୍ରର ସୁରକ୍ଷା ଲାଗି କାର୍ଯ୍ୟ କରିବାକୁ ଆବାହକ ନାୟକ ଆହ୍ୱାନ ଦେଇଥିଲେ। ଜିଲା ସମ୍ପାଦକ ପ୍ରକାଶ ରାଉତ, ହିନ୍ଦୋଳ ନିର୍ବାଚନମଣ୍ଡଳୀ ଅଧ୍ୟକ୍ଷ ବିଜୟ ନାୟକ, ଲିଗାଲସେଲ୍ ଅଧ୍ୟକ୍ଷ ରଞ୍ଜନ ମିଶ୍ର, ଆଶିଷ ମିଶ୍ର, ସୋସିଆଲ ମିଡିଆ ପ୍ରଭାରୀ ଭୋଜରାଜ ସାହୁ, ଶେଖର ନାଏକ, ବାବୁଲା ଖିଲାର ପ୍ରମୁଖ ଉପସ୍ଥିତ ଥିଲେ। ମାନସୀ ନାଏକ ଧନ୍ୟବାଦ ଦେଇଥିଲେ।

# ବେଢ଼ାପାଳରେ ଡାକ୍ତରୀ ଦଳ

**କାମାକ୍ଷାନଗର, ୨୧।୩(ଡି.ଏନ.ଏ.)**



ମୃତ ଭଗବାନଙ୍କ ପରିବାର।



ଜଣେ ରୋଗୀଙ୍କୁ ହସ୍ପିଟାଲକୁ ନିଆଯାଉଛି।

- ଝାଡ଼ାବାନ୍ତିରେ ୨ଜଣଙ୍କ ମୃତ୍ୟୁ ପରେ ଭୟର ବାତାବରଣ
- ପ୍ରଶାସନ ଖୋଜୁଛି କାରଣ, ଖାଦ୍ୟ ବିଷାକ୍ତରୁ ଅଘଟଣ ସନ୍ଦେହ

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବେଢ଼ାପାଳରେ ଝାଡ଼ାବାନ୍ତି ବ୍ୟାପି ୨ଜଣଙ୍କ ମୃତ୍ୟୁ ଘଟିବା ପରେ ସମଗ୍ର ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। ରବିବାର ଡାକ୍ତରୀ ଟିମ୍, ପ୍ରଶାସନିକ ଅଧିକାରୀ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖାଦ୍ୟ ବିଷାକ୍ତରୁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଇଛି। ଭୋଜି ଖାଇଥିବା ଅନେକ ଶ୍ରମିକ ଏବେ ବି ଅସୁସ୍ଥ ଅଛନ୍ତି। ସେମାନଙ୍କୁ ଚିକିତ୍ସିତ ହେବା ଲାଗି ପରାମର୍ଶ ଦିଆଯାଇଛି।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଗତ ଗୁରୁବାର ବେଢ଼ାପାଳ ଗ୍ରାମର ସବେଇ ବେହେରାଙ୍କ ନିର୍ମାଣାଧୀନ ଘରର ଛାତ ଢଳେଇ ପଡୁଥିଲା। ଏହି କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ଲାଗି ଭାତ, ଡାଲି, ତରକାରି, ଚିକେନ ଆଦି ରୋଷେଇ କରାଯାଇଥିଲା। କାମ ସରିବା ପରେ ଶ୍ରମିକମାନେ ଖାଇଥିଲେ। ଏହାପରେ ସେମାନଙ୍କ ଶରୀରରେ ପାର୍ଶ୍ୱ ପ୍ରତିକ୍ରିୟା ଆରମ୍ଭ ହୋଇଥିଲା। ଶ୍ରମିକଙ୍କ ମୁଣ୍ଡ ଘୂରାଇବା ସହ ଝାଡ଼ାବାନ୍ତି ବ୍ୟାପିଥିଲା। ଗୁରୁତର ଅବସ୍ଥାରେ ୨୦ରୁ ଊର୍ଦ୍ଧ୍ୱ ଶ୍ରମିକ ଢେଙ୍କାନାଳ ଏବଂ କଟକ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଶନିବାର ସକାଳେ କଟକରେ ବାଙ୍କା ମଲ୍ଲିକ (୩୮) ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭଗବାନ ମଲ୍ଲିକ (୬୦)ଙ୍କ ମୃତ୍ୟୁ ହୋଇଯାଇଥିଲା।

ଗୋପବନ୍ଧୁ ସ୍ୱାଇଁ (୪୮), ବିଚିତ୍ରାନନ୍ଦ ଲେଙ୍କା (୫୫), ପ୍ରଫୁଲ୍ଲ ଜେନା (୨୮), ଜଗବନ୍ଧୁ ଲେଙ୍କା (୪୮), ସନାତନ ବେହେରା, (୫୫), ସବିତା ବେହେରା (୬୭), ରଶ୍ମିତା ବେହେରା (୨୪), ପୂର୍ଣ୍ଣ ମଲ୍ଲିକ (୪୫), ଗୋବିନ୍ଦ ମଲ୍ଲିକ (୩୮), ବାଇଧର ମଲ୍ଲିକ (୪୨), ହରିଆ ମଲ୍ଲିକ (୨୭), ମିଥୁନ ମଲ୍ଲିକ (୨୫), ଟୁଟୁ ମଲ୍ଲିକ (୩୨), ସୂର୍ଯ୍ୟକାନ୍ତ ମଲ୍ଲିକ (୩୨), ନକୁଳ ମଲ୍ଲିକ (୩୩), ପ୍ରଫୁଲ୍ଲ ମଲ୍ଲିକ (୪୨), ସଞ୍ଜୟ ମଲ୍ଲିକ (୩୫), ଶିଖର ପରିଡ଼ା (୭୫), ରାଜେନ୍ଦ୍ର ଲେଙ୍କାଙ୍କ ସମେତ କାର୍ଯ୍ୟରେ ନିୟୋଜିତ ଅନ୍ୟ ଶ୍ରମିକ ଚିକିତ୍ସାଧୀନ ଅଛନ୍ତି। ଘଟଣା ଜଣାପଡ଼ିବା ପରେ ଜିରାଳ ଏବଂ ମଠକରଗୋଳା ମେଡିକାଲର ଡାକ୍ତରୀ ଦଳ, ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ପହଞ୍ଚି ତଦନ୍ତ କରିଛନ୍ତି। ଅସୁସ୍ଥତା ଅନୁଭବ କଲେ ତୁରନ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣାଇବା ସହ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପରାମର୍ଶ ଦିଆଯାଇଛି।

#### ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଦିଆଯାଇଛି



"ଗ୍ରାମର ଘର ଘର ବୁଲି ଆକ୍ରାନ୍ତଙ୍କ ସମସ୍ୟା ବୁଝାଯାଉଛି। ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଶ୍ରମିକ କିଭଳି ସୁସ୍ଥ ହୋଇ ଫେରିବେ ସେହି ବ୍ୟବସ୍ଥା କରାଯାଉଛି। ୨ ମୃତ ଶ୍ରମିକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରାଯାଇଛି। ମୃତ ଶ୍ରମିକଙ୍କ ବିଧବା ସ୍ତ୍ରୀଙ୍କୁ ବିଧବା ଭତ୍ତା ତାଲିକାଭୁକ୍ତ କରିବାକୁ ଉଦ୍ୟମ କରାଯିବ।

**-ଭାସ୍କର ଚନ୍ଦ୍ର ସାହୁ, ସରପଞ୍ଚ**

#### ଭୟଭୀତ ନ ହେବାକୁ ପରାମର୍ଶ ଦିଆଯାଇଛି



"କେତେଜଣ ଶ୍ରମିକ ଅସୁସ୍ଥ ଥିବା ସତ୍ତ୍ୱେ ଘରେ ରହିଥିଲେ। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ଲାଗି ଡାକ୍ତରଖାନାକୁ ପଠାଯାଇଛି। ଭୟଭୀତ ନ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବାକୁ ପରାମର୍ଶ ଦିଆଯାଇଛି। ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିବାକୁ ଡାକ୍ତରୀଦଳ ପ୍ରସ୍ତୁତ ହୋଇ ରହିଛନ୍ତି।

**-ଡା. ସୁବ୍ରମଣ୍ୟମ ସାହୁ, ଜିରାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ**

# ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ

- ୫୩ନଂ. ଜାତୀୟ ରାଜପଥରେ ଲୁଟେରା ଆତଙ୍କ
- ଚଳନ୍ତା ଟିପ୍ପରରେ ଚଢ଼ି ଲୁହାରଡ୍‌ରେ ମୁଣ୍ଡ ଫଟାଇଲେ
- ଭାରସାମ୍ୟ ହରାଇ ଓଲଟି ପଡ଼ିଲା ଗାଡ଼ି



ଗୁରୁତର ଡ୍ରାଇଭର ରୋହିତ ମହାନ୍ତି।

**ଭୁବନ, ୨୧।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଦେଇଯାଇଥିବା ୫୩ନଂ. ଜାତୀୟ ରାଜପଥରେ ଶନିବାର ରାତିରେ ଲୁଟେରା ଗ୍ୟାଙ୍ଗ୍ ଆତଙ୍କରାଜ ସୃଷ୍ଟି କରିଛନ୍ତି। ସେମାନେ ଦଳବଦ୍ଧ ଭାବେ ଏକ ଚଳନ୍ତା ଟିପ୍ପର ଉପରେ ଚଢ଼ି ଲୁହାରଡ୍‌ରେ ଡ୍ରାଇଭରଙ୍କୁ ଆକ୍ରମଣ କରିଛନ୍ତି। ଏଥିରେ ସୁକିନ୍ଦା ଥାନା ମାଟିଗାଡ଼ିଆ ଅଞ୍ଚଳର ଗାଡ଼ି ଚାଳକ ରୋହିତ ମହାନ୍ତି ଗୁରୁତର ହୋଇଛନ୍ତି। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ଅପରପକ୍ଷେ ଭାରସାମ୍ୟ ହରାଇ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଛି।

ସୂଚନାଯୋଗ୍ୟ, ଉକ୍ତ ଟିପ୍ପର (ନଂ. ଓଆର୍ ୦୯ଇ ୮୮୯୩) ଦୈତାରି ମାଇନିଂ ଅଞ୍ଚଳରୁ ଲୁହାପଥର ନେଇ ଅନୁଗୋଳ ଅଭିମୁଖେ ଆସୁଥିଲା। ଭୁବନ କଲଣି ସାହି ଦେଇ ଯାଉଥିବାବେଳେ ରାତି ପ୍ରାୟ ୧୧ଟା ବେଳେ କେତେଜଣ ଦୁର୍ବୃତ୍ତ ହଠାତ୍ ଚଳନ୍ତା ଗାଡ଼ି ଉପରେ ଚଢ଼ିଯାଇ ରୋହିତଙ୍କୁ ଟଙ୍କା ମାଗିଥିଲେ। ଏହି ସମୟରେ ଡ୍ରାଇଭର ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଜଣେ ଅଭିଯୁକ୍ତ ଲୁହାରଡ୍‌ରେ ରୋହିତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ସେ ନିୟନ୍ତ୍ରଣ ହରାଇଥିଲେ ଏବଂ ଗାଡ଼ି ଓଲଟି ଯାଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ରୋହିତଙ୍କୁ ଉଦ୍ଧାର କରି ଭୁବନ ଡାକ୍ତରଖାନାକୁ ଆଣିଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଛି। ବାରମ୍ବାର ୫୩ନଂ. ଜାତୀୟ ରାଜପଥରେ ଏଭଳି ଘଟଣା ଘଟୁଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଥାନାଧିକାରୀ ଜିତେନ୍ଦ୍ର କୁମାର ସାହୁ କୁହନ୍ତି, ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇନାହିଁ। ତଦନ୍ତ ଜାରି ରହିଛି।

# ଦାବି ପୂରଣ ହେଉନାହିଁ



ବୈଠକରେ ଓଷ୍ଟାର କାର୍ଯ୍ୟକର୍ତ୍ତାମାନେ।

**କାର୍ଯ୍ୟକାରିଣୀ ବୈଠକରେ ଓଷ୍ଟାର କ୍ଷୋଭ**

**ଢେଙ୍କାନାଳ ଅଫିସ, ୨୧।୩**

ଢେଙ୍କାନାଳ ଜିଲା ଶିକ୍ଷକ ସଂଘ ଭବନରେ ରବିବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅମ୍ବରୀଶ ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସଂଘ କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ଏବଂ ସମ୍ମାନିତ ଅତିଥି ସମ୍ପାଦକ ମଧୁସୂଦନ ଦେ ଯୋଗଦେଇ ଶିକ୍ଷକଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ତୀବ୍ର ନିନ୍ଦା କରିଥିଲେ।

ସରକାର ଶିକ୍ଷକଙ୍କ ଦାବି ପୂରଣ କରୁନାହାନ୍ତି। ବିଭିନ୍ନ ଆଳ ଦେଖାଇ ସରକାରୀ ବିଦ୍ୟାଳୟ ବନ୍ଦ କରାଯାଉଛି ବୋଲି କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଏଥିସହ ସପ୍ତମ ବେତନ କମିଶନ ଅନୁଯାୟୀ ଦରମା ପ୍ରଦାନ, ଚାକିରି ସର୍ତ୍ତାବଳୀ ଲାଗୁ ଏବଂ ପେନ୍‌ସନ ପ୍ରଦାନରେ ଚରମ ଅବହେଳା ଆଦି ବିଷୟରେ ଆଲୋଚନା ହୋଇଥିଲା। ସରକାର ଛାତ୍ରୀଛାତ୍ର, ଶିକ୍ଷକଙ୍କ ଭବିଷ୍ୟତକୁ ନେଇ ଖେଳୁଛନ୍ତି। ଏହାର ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଚଳିତମାସ ଶେଷସୁଦ୍ଧା ସଦର, ଓଡ଼ାପଡ଼ା ବ୍ଲକ ଏବଂ ଯୋରନ୍ଦା ସଙ୍ଗଠନ ପୁନର୍ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲା ସମ୍ପାଦକ ବିଭୂତି ଭୂଷଣ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀରାମ ରାଉତ, ଉପଦେଷ୍ଟା ସରୋଜକାନ୍ତ ଦାସ, ଜିଲା ଯୁଗ୍ମ ସମ୍ପାଦକ ପୀତାମ୍ବର ଦାସ, ଜିଲା କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# 'ପ୍ରତିଭା ବିକାଶର ପ୍ରକୃଷ୍ଟ ମଞ୍ଚ'

**କାମାକ୍ଷାନଗର, ୨୧।୩(ଡି.ଏନ.ଏ.)**



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ, ଏମ୍‌ପିଙ୍କ ସମେତ ଅନ୍ୟମାନେ।

- ଆରମ୍ଭ ହେଲା ୭ମ କ୍ରୀଡ଼ା ମହୋତ୍ସବ
- କ୍ରୀଡ଼ା ମଶାଲକୁ ବିପୁଳ ସ୍ୱାଗତ

କାମାକ୍ଷାନଗରରେ ଆୟୋଜିତ କ୍ରୀଡ଼ା ମହୋତ୍ସବ କେବଳ ଏକ ପ୍ରତିଯୋଗିତା ନୁହେଁ, ଏହା ହେଉଛି ଯୁବ କ୍ରୀଡ଼ାବିତ୍‌ଙ୍କ ପ୍ରତିଭା ବିକାଶର ପ୍ରକୃଷ୍ଟ ମଞ୍ଚ। ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ମଧ୍ୟରେ ପ୍ରତିଯୋଗିତାକୁ ସଫଳ କରାଯାଇପାରିଲେ ଏହାର ଉଦ୍ଦେଶ୍ୟ ପୂରଣ ହେବ ବୋଲି କହିଛନ୍ତି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ସ୍ଥାନୀୟ ସାରଙ୍ଗଧର ଷ୍ଟାଡିୟମରେ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ୭ମ କ୍ରୀଡ଼ା ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ଅଭିଭାଷଣରେ ସେ ଏହା କହିଥିଲେ। ଏହି ଉପଲକ୍ଷେ ସ୍ଥାନୀୟ ହନୁମାନ ମନ୍ଦିରଠାରୁ ବିଶାଳ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ଶତାଧିକ କ୍ରୀଡ଼ାବିତ୍, ବୁଦ୍ଧିଜୀବୀ, ମାନ୍ୟଗଣ୍ୟବ୍ୟକ୍ତି ସାମିଲ ହୋଇଥିଲେ। ଷ୍ଟାଡିୟମରେ ମଶାଲ ପହଞ୍ଚିବା ପରେ ଆନୁଷ୍ଠାନିକ ଭାବେ ମନ୍ତ୍ରୀ ମଲ୍ଲିକ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ।

ଉପଖଣ୍ଡ କ୍ରୀଡ଼ା ସଂଘ ସଭାପତି ତଥା ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟବକ୍ତା ଭାବେ ରାଜ୍ୟ ଯୁବ କଲ୍ୟାଣ ପରିଷଦ ଅଧ୍ୟକ୍ଷ ବିଜୟ କୁମାର ନାୟକ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଏମ୍‌ପି ମହେଶ ସାହୁ, କ୍ରୀଡ଼ା ମହୋତ୍ସବ କମିଟି ଉପସଭାପତି ଧର୍ମାନନ୍ଦ ପରିଡ଼ା, ସମ୍ପାଦକ ଆଦିତ୍ୟ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ପ୍ରେମାନନ୍ଦ ସାହୁ, ବରିଷ୍ଠ ବିଜେଡି ନେତା ବ୍ରହ୍ମାନନ୍ଦ ମହାନ୍ତି, ଶିକ୍ଷାବିତ୍ ମାୟାଧର ପାଣି, ମଙ୍ଗୁତଲାଲ କଟାରୁକା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମ ଦିବସରେ ନିମପୁର ସ୍ପୋର୍ଟସ କ୍ଲବ, କଟକ ଏବଂ ମା' ମଙ୍ଗଳା କ୍ଲବ, କଟକ ମଧ୍ୟରେ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବିପିନ ବିହାରୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବଡ଼ହୀରାରେ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ

**କଣିହାଁ, ୨୧।୩(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ବଡ଼ହୀରା ଗ୍ରାମ ଦଳିତସାହିରେ ଶନିବାର ଅଲେଖ ମହିମା ବାଲ୍ୟଲୀଳାକୁ ନେଇ ଅହୋରାତ୍ର ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବାବା କୀର୍ତ୍ତନ ଦାସଙ୍କ ସମେତ ମହିମା ସାଧୁସନ୍ଥ ଯୋଗଦେଇ ଅଖଣ୍ଡବତି ପ୍ରଜ୍ୱଳନ କରିଥିଲେ। ମହିଳାପୁରୁଷ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅଲେଖ ଭଜନ ପରିବେଷଣ କରିଥିଲେ। ସାହିବାସୀ, ଯୁବଗୋଷ୍ଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ। ସେହିପରି ରବିବାର ପୂର୍ବାହ୍ନରେ ନଗର କୀର୍ତ୍ତନ, ପୂର୍ଣ୍ଣାହୁତି ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ବିଶ୍ୱକଲ୍ୟାଣ, କରୋନା ମହାମାରୀରୁ ବିଶ୍ୱବାସୀଙ୍କୁ ସୁରକ୍ଷା ଲାଗି ଶୂନ୍ୟବ୍ରହ୍ମଙ୍କ ନିକଟରେ ସାମୂହିକ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ, ମହିମା ଅନୁଗାମୀ ସାମିଲ ହୋଇଥିଲେ।

# ନୀଳକଣ୍ଠେଶ୍ୱର ମନ୍ଦିର ନୂତନ କମିଟି

**ଢେଙ୍କାନାଳ ଅଫିସ, ୨୧।୩**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବୁଢୀବିଲିସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରର ନୂତନ ପରିଚାଳନା କମିଟି ଶନିବାର ଗଠିତ ହୋଇଛି। ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଦେବୋତ୍ତର ବିଭାଗର ନିୟମ ସମ୍ପର୍କରେ ଆଲୋଚନା କରିଥିଲେ। ସର୍ବସମ୍ମତିକ୍ରମେ ସଭାପତି ଭାବେ ଛାୟାକାନ୍ତ ନାୟକ, ଉପସଭାପତି ବିମଳ କିଶୋର ବେହେରା, ସମ୍ପାଦକ ଅଲେଖ ପ୍ରସାଦ ସ୍ୱାଇଁ, ସହ ସମ୍ପାଦକ ପ୍ରଭାକର ବେହେରା, କୋଷାଧ୍ୟକ୍ଷ ଭାବେ ଗୟାଧର ସାହୁ ନିର୍ବାଚିତ ହୋଇଛନ୍ତି। କାର୍ତ୍ତିକ ବିଶ୍ୱାଳ, ବିଦ୍ୟାଧର ନାୟକ, ବିଶ୍ୱନାଥ ବେହେରା, ସର୍ବେଶ୍ୱର ନାୟକ, ଫକୀର ନାୟକ, ବେଣୁଧର ବେହେରା, ହାଡ଼ିବନ୍ଧୁ ନାୟକ, ମହେଶ୍ୱର ଦେହୁରୀ, ନିରଞ୍ଜନ ଦାସ, କୈଳାସ ବେହେରା, ଧ୍ରୁବଚରଣ ନାୟକ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। କୋଦଣ୍ଡଧର ବେହେରା, ଦୁର୍ଯ୍ୟୋଧନ ବେହେରା, ସତ୍ୟାନନ୍ଦ ନାୟକ, ବ୍ରହ୍ମାନନ୍ଦ ରାଉତ, ପ୍ରହଲ୍ଲାଦ ବେହେରା, ବ୍ରହ୍ମାନନ୍ଦ ସ୍ୱାଇଁ, ପୁରୁଷୋତ୍ତମ ବେହେରା, ରବିନାରାୟଣ ବେହେରା ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ସ୍ଥାନ ପାଇଛନ୍ତି। ଶୈବ ସେବକ ଭାବେ ବାବୁଲି ବେହେରା, ବିଜୟ ବାରିକ, ମୋହନ ସାହୁ, ସତ୍ୟାନନ୍ଦ ବେହେରା, ରଞ୍ଜନ ମହାନ୍ତି, ସୁଶାନ୍ତ ବେହେରା, ଦୁଃଖବନ୍ଧୁ ବେହେରା, ସୁଶାନ୍ତ ସ୍ୱାଇଁ, ଅଖିଳ ନାୟକ, ବିଶ୍ୱନାଥ ସ୍ୱାଇଁଙ୍କୁ ଦାୟିତ୍ୱ ଦିଆଯାଇଛି। ବିଭୂତି ଭୂଷଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରକାଶ ସ୍ୱାଇଁ, ଅର୍ଜୁନ ନାୟକ, ହିମାଂଶୁ ସ୍ୱାଇଁ, ପ୍ରହଲ୍ଲାଦ ରାଉତ, ବାଙ୍କନିଧି ରାଉତ, ଶ୍ୟାମସୁନ୍ଦର ବେହେରା, ପ୍ରଭାକର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ନାୟକ, ଶିଶିରକାନ୍ତ ବେହେରା, ପରମାନନ୍ଦ ବେହେରା, ସୁଧୀର ନାୟକ, ମାୟାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କମିଟିର ନୂତନ କର୍ମକର୍ତ୍ତା ଚୟନ ଲାଗି ଅନୁଷ୍ଠିତ ବୈଠକ।

# ଯୋଡ଼ିହେବେ ପୁରାତନ ବିଦ୍ୟାର୍ଥୀ

**ଢେଙ୍କାନାଳ ଅଫିସ, ୨୧।୩**



କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟ ଅତିଥି ବୃନ୍ଦ।

- ଆରମ୍ଭ ହେଲା ମୋ' କଲେଜ ଅଭିଯାନ
- ଶିକ୍ଷାନୁଷ୍ଠାନର ଉନ୍ନତୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହେବ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ମୋ' କଲେଜ ଅଭିଯାନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ପୂର୍ବତନ ଛାତ୍ରୀଛାତ୍ର କଲେଜ ସହିତ ଯୋଡ଼ିହେବେ। ଫଳରେ ମୋ' ସ୍କୁଲ ଅଭିଯାନ ଭଳି କଲେଜଗୁଡ଼ିକର ବିକାଶ, ଉନ୍ନତୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି କହିଛନ୍ତି ବିଧାୟକ ସୁଧୀର କୁମାର ସାମଲ। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଅପରାହ୍ନ ୫ଟାରେ ଆୟୋଜିତ ମୋ' କଲେଜ ଅଭିଯାନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଏହା କହିଛନ୍ତି।

କଲେଜ ଅଧ୍ୟକ୍ଷା ଡ. ରଶ୍ମି ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ଭାବେ ଆଲୁମ୍ନି ଆସୋସିଏଶନ ପକ୍ଷରୁ ନବୀନଚନ୍ଦ୍ର ନାରାୟଣ ଦାସ, ବିରଞ୍ଚି ନାରାୟଣ ପାଣି ଏବଂ ଅଧ୍ୟାପକ ଜୟନ୍ତ ବର୍ମା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଇଂଲିଶ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ରଞ୍ଜନ କୁମାର ପ୍ରଧାନ ମୋ' କଲେଜ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉଚ୍ଚଶିକ୍ଷାରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ, କ୍ରୀଡ଼ା ନେତୃତ୍ୱ, ଡିଜିଟାଲ ଗବେଷଣା, ପରିବେଶ ସୁରକ୍ଷା, ଦକ୍ଷତା ବିକାଶ, ରାଷ୍ଟ୍ର ଗଠନ ଶିକ୍ଷା, ସୃଜନଶୀଳତା, ବ୍ୟକ୍ତିତ୍ୱ ବିକାଶ, ସମାଜସେବା ମନୋଭାବ, କର୍ମନିଯୋଜନ, ପ୍ରତିଭାର ବିକାଶ, ଯୋଗାଯୋଗ ଦକ୍ଷତା ବୃଦ୍ଧି ଲକ୍ଷ୍ୟ ନେଇ ଏହି ଅଭିଯାନ ଆରମ୍ଭ ହୋଇଛି ବୋଲି ସୂଚନା ଦିଆଯାଇଥିଲା। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଭୁବନେଶ୍ୱରରୁ ଅଭିଯାନର ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ସୁମିତ୍ରା ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ସଫଳ କରିବାକୁ ଆହ୍ୱାନ

**କାମାକ୍ଷାନଗର/ଭୁବନ, ୨୧।୩(ଡି.ଏନ.ଏ.):** କାମାକ୍ଷାନଗର ମହାବିଦ୍ୟାଳୟରେ କଲେଜ ଅଧ୍ୟକ୍ଷ ମଙ୍ଗୁଳି ଚରଣ ନାୟକଙ୍କ ସଭାପତିତ୍ୱରେ ମୋ' କଲେଜ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ପୂର୍ବ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ହରିପାଲ, ଆଇନଜୀବୀ ରଞ୍ଜନ ରାଉତ, ପୂର୍ବତନ ଛାତ୍ର ସଂସଦ ସଭାପତି ସଦାଶିବ ସେଠୀ ପ୍ରମୁଖ ଯୋଗଦେଇ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ସମସ୍ତ ଅଧ୍ୟାପିକାଅଧ୍ୟାପକ, ପୁରାତନ ଛାତ୍ରୀଛାତ୍ର, ବର୍ତ୍ତମାନ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅନୁରୂପ ଭାବେ ଭୁବନ ବାଜି ରାଉତ କଲେଜରେ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦ ସଭାପତି ବିନୋଦ କଅଁର, ସମ୍ପାଦକ ମାତୃ ପ୍ରସାଦ ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ଶୁଭେନ୍ଦୁ କୁମାର ସାହୁ, ସାମାଜିକ କର୍ମୀ ରବୀନ୍ଦ୍ର ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଭିଯାନର ଆଭିମୁଖ୍ୟ ବିଷୟରେ କହିଥିଲେ। ଇତିହାସ ବିଭାଗ ଅଧ୍ୟାପକ ପ୍ରଭାତ ଜେନା ପରିଚାଳନା କରିଥିଲେ। ସେହିପରି କାମାକ୍ଷାନଗର ଡିଗ୍ରୀ ମହିଳା କଲେଜରେ ଅଧ୍ୟକ୍ଷା ବନ୍ଦିତା ମହାନ୍ତି ଏବଂ ଭୁବନ ମହିଳା କଲେଜ ଅଧ୍ୟକ୍ଷା ଦିଲୀପ କୁମାର ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ୪ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ରବିବାର ୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୨ହଜାର ୪୨୭ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ବାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ୨ ଜଣ, ବଅଁରପାଳ ବ୍ଲକରୁ ଜଣେ ଓ ଆଠମଲ୍ଲିକ ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୩ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଆଜି କ'ଣ କେଉଁଠି

ବଅଁରପାଳ

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଗୋତମରା ଆଶ୍ରମ, ସମୟ: ସକାଳ ୭ଟା।
- ବାହା ପାରବ ଉଦ୍‌ଯାପନୀ ଦିବସ, ସ୍ଥାନ: ନାଲ୍‌କୋ ହଟିଙ୍ଗ୍, ସମୟ: ସକାଳ ୭ଟା।

## ସଂକ୍ଷେପରେ

### ଅଷ୍ଟପ୍ରହର ନାମଯଜ୍ଞ

**ବଅଁରପାଳ, ୨୧।୩(ଡି.ଏନ.ଏ.):** ବଅଁରପାଳ ବ୍ଲକ ଗୋତମରା ଅବଧୂତ ଆଶ୍ରମରେ ରବିବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବହୁ ସାଧୁସନ୍ଥଙ୍କ ସହିତ ନାମଯଜ୍ଞରେ ଆଖପାଖ ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇଥିଲେ। ପ୍ରସାଦସେବନ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଅନୁଗୋଳ ଜିଲା ଭାଗବତ ପ୍ରଚାରପ୍ରସାର ସମିତି ସଭାପତି ଦୁର୍ଯ୍ୟୋଧନ ଅମାନ୍ତଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବାବା ହାଡୁ ଦାସ, ବାବୁଲି ବାବା ପୂଜାର୍ଚ୍ଚନା କରିଥିଲେ। ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ଅଜିତ ସାହୁ, ନରେଶ ବେହେରା, ଅରୁଣ ଜେନା, ବସନ୍ତ ବରାହ, ପଦ୍ମଚରଣ ସାମଲ ପ୍ରମୁଖ ସହଯୋଗ କରିଥିଲେ। ସୋମବାର ଏହା ଉଦ୍‌ଯାପିତ ହେବ।

### ଯୁବଗୋଷ୍ଠୀଙ୍କ ପ୍ରୟାସକୁ ପ୍ରଶଂସା

**କଣିହାଁ, ୨୧।୩(ଡି.ଏନ.ଏ.):** କଣିହାଁ ବ୍ଲକ ଟାକୁଆ ଗ୍ରାମରେ ଶନିବାର ବିଶ୍ୱ ପଖାଳ ଦିବସ ପାଳିତ ହୋଇଛି। ଗ୍ରାମର ଯୁବକମାନେ ପଶ୍ଚିମେଶ୍ୱର ମହାଦେବ ମନ୍ଦିରରେ ସ୍ୱାଦିଷ୍ଟ ସଜ ପଖାଳ ସହିତ ବହୁ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଶତାଧିକ ବରିଷ୍ଠ ନାଗରିକ ଏଥିରେ ସାମିଲ ହୋଇଥିଲେ। ଓଡ଼ିଆ ପରମ୍ପରା ବଞ୍ଚାଇବାକୁ ଯୁବଗୋଷ୍ଠୀଙ୍କ ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

### ଘରୋଇ ହସ୍ପିଟାଲରେ କରୋନା ଟିକାକରଣ ଆରମ୍ଭ

**ଛେଣ୍ଡିପଦା, ୨୧।୩(ସ୍ୱ.ପ୍ର.):** ଅନୁଗୋଳ ଜିଲାର ୬ ଘରୋଇ ହସ୍ପିଟାଲ୍‌କୁ କରୋନା ଟିକାକରଣ ପାଇଁ ଅନୁମତି ମିଳିଛି। ଏହି ତାଲିକାରେ ରହିଛି ଛେଣ୍ଡିପଦା ବ୍ଲକର କ୍ରିସ୍ ହସ୍ପିଟାଲ। କ୍ରିସ୍ ଡାକ୍ତରଖାନା ପକ୍ଷରୁ ରବିବାର ବିଧିବଦ୍ଧ ଭାବେ ଟିକାକରଣ ଆରମ୍ଭ ହୋଇଛି। ବିଜୁ କୃଷକ କଲ୍ୟାଣକାର୍ଡଧାରୀ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏହି ଟିକା ନେଇପାରିବେ। ଏହାର ମୂଲ୍ୟ ୨୫୦ ଟଙ୍କା ରହିଛି। ରବିବାର କ୍ରିଶ୍ ହସ୍ପିଟାଲରେ ବିଡିଓ ବିଶ୍ୱନାଥ ସାହୁ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଧୀରେନ ପ୍ରଧାନ ଉପସ୍ଥିତ ଥିଲେ। କ୍ରିସ୍ ହସ୍ପିଟାଲରେ ଟିକାକରଣ ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଥିବା ସ୍ୱତ୍ତ୍ୱାଧିକାରୀ ଡାକ୍ତର କଳାକର ସାହୁ ସୂଚନା ଦେଇଛନ୍ତି।

### ସ୍ୱପ୍ନେଶ୍ୱର ମହାଦେବଙ୍କ ଜନ୍ମୋତ୍ସବ

**କଣିହାଁ, ୨୧।୩(ଡି.ଏନ.ଏ.):** କଣିହାଁ ବ୍ଲକ ସଦର ମହକୁମାସ୍ଥିତ ସ୍ୱପ୍ନେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଏବଂ ସ୍ଫଟିକ ଶିବଲିଙ୍ଗ ସ୍ଥାପନକୁ ନେଇ ଠାକୁରଙ୍କ ବାର୍ଷିକ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ପୂର୍ବାହ୍ନରେ କଳସ ଯାତ୍ରା ସମେତ ନୀତି ଅନୁଯାୟୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ପରିଚାଳନା କମିଟିର ଦିବାକର ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

### ୩୯ ତମ ନବାହ୍ନ ପାରାୟଣ

**ଛେଣ୍ଡିପଦା, ୨୧।୩(ଡି.ଏନ.ଏ.):** ଛେଣ୍ଡିପଦା ବ୍ଲକ ଖମାର ଗ୍ରାମ ଚନ୍ଦନପଡିଆ ଠାରେ ନବଦିନ ବ୍ୟାପୀ ୩୯ତମ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଗ୍ରାମ କମିଟି ସଭାପତି କୁଳମଣି ଗଡନାୟକ, ପାରାୟଣ କମିଟି ସଭାପତି ମନୋଜ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ। ପରେ ନାମଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ଆସନ୍ତା ୨୩ ତାରିଖରେ ପୂର୍ଣ୍ଣାହୂତୀ କାର୍ଯ୍ୟକ୍ରମ ରହିଛି। ହଳଧର ଗଡନାୟକ ଓ ଚପଳା ଗଡନାୟକ କର୍ତ୍ତା ସାଜିଛନ୍ତି। ପଣ୍ଡିତ ପ୍ରସନ୍ନ କୁମାର ଆଚାର୍ଯ୍ୟ, ପୀତବାସ ଆଚାର୍ଯ୍ୟ ଓ ଧରଣୀଧର ଆଚାର୍ଯ୍ୟଙ୍କ ମହାଯଜ୍ଞ କାର୍ଯ୍ୟ କରୁଛନ୍ତି। ପାରାୟଣ କମିଟି ଉପଦେଷ୍ଟା ବାବୁଲି ଗଡନାୟକ, ଉପସଭାପତି ଶ୍ରବଣ କୁମାର ଗଡନାୟକ, ସମ୍ପାଦକ ରଶ୍ମୀରଞ୍ଜନ ମାଝି, ଖମାର ଗ୍ରାମ ସମ୍ପାଦକ ଘାସିରାମ ମାଝି ପ୍ରମୁଖ ପରିଚାଳନା କରୁଛନ୍ତି।

# ସମୟ ସହ ୧୮ ମିନିଟ୍ ସଂଘର୍ଷ

- ଲେଭଲ୍ କ୍ରସିଂରେ ଅଟକିରହିଲା ଆମ୍ବୁଲାନ୍ସ
- ସରୁନି ହାଣ୍ଡିଧୁଆ ରେଲୱେ ଓଭରବ୍ରିଜ୍ ନିର୍ମାଣ
- ବିକଳ୍ପ ଖୋଜି ପାଉନି ତାଳଚେର ପ୍ରଶାସନ


ହାଣ୍ଡିଧୁଆ ଲେଭଲ୍ କ୍ରସିଂରେ ୧୦୮ ଆମ୍ବୁଲାନ୍ସ ଅଟକି ରହିଛି।

**ଅନୁଗୋଳ ଅଫିସ, ୨୧।୩**

ଆମ୍ବୁଲାନ୍ସ ଭିତରେ ଛଟପଟ ହେଉଥିବା ରୋଗୀଟିଏ ପାଇଁ ସମୟର ମୂଲ୍ୟ କାହାକୁ ଅଛପା ନାହିଁ। ସେହିପରି ସମ୍ପୃକ୍ତ ରୋଗୀଙ୍କ ଜୀବନର ଗୁରୁତ୍ୱ ପରିବାର ଓ ସମ୍ପର୍କୀୟଙ୍କ ପାଇଁ କେତେ ମହତ୍ତ୍ୱପୂର୍ଣ୍ଣ ତାହା ବୁଝାଇବାକୁ ପଡ଼ିବ ନାହିଁ। ହେଲେ ଏସବୁ ଜାଣି ମଧ୍ୟ ନିଦାବିଷ୍ଟ ଭଳି ବସିରହିଛି ତାଳଚେର ଉପଖଣ୍ଡ ଓ ଅନୁଗୋଳ ଜିଲା ପ୍ରଶାସନ। ଫଳରେ ଜୀବନ ବଞ୍ଚାଇବାକୁ ତାଳଚେର ହାଣ୍ଡିଧୁଆ ଲେଭଲ୍ କ୍ରସିଂ ଛକରେ ଦୈନିକ ସମୟ ସହ ସଂଘର୍ଷ କରିବାକୁ ପଡୁଛି ଅଟକୁଥିବା ଆମ୍ବୁଲାନ୍ସ ଭିତରର ରୋଗୀଙ୍କୁ। ଜଣେ ଗୁରୁତର ହୃଦ୍‌ରୋଗୀଙ୍କୁ ନେଇ ଯାଉଥିବା ୧୦୮ ଆମ୍ବୁଲାନ୍ସ ଗତ ଶନିବାର ସକାଳେ ଏହି ଲେଭଲକ୍ରସିଂରେ ଦୀର୍ଘ ୧୮ ମିନିଟ୍ ଅଟକି ରହିବା ଜିଲାବାସୀଙ୍କୁ କେବଳ ଚକିତ କରିନାହିଁ, ବରଂ ଜୀବନ ଓ ସମୟର ମୂଲ୍ୟ ବୁଝିବାକୁ ବାଧ କରିଛି ପ୍ରଶାସନକୁ।

କଳାହୀରାର ସହର ତାଳଚେରର ମୁଖ୍ୟ ରାସ୍ତାରେ ହାଣ୍ଡିଧୁଆ ଲେଭଲ କ୍ରସିଂ ଥିବାରୁ ଏଠାରେ ସର୍ବଦା ଭିଡ଼ ଲାଗି ରହୁଛି। ବିଭିନ୍ନ ଶିଳ୍ପାଞ୍ଚଳକୁ ଏହି ଲେଭଲକ୍ରସିଂ ଦେଇ ବହୁ କୋଇଲା ବୋଝେଇ ଟ୍ରେନ୍ ଚଳାଚଳ କରୁଥିବାରୁ ଦୈନିକ ଘଣ୍ଟା ଘଣ୍ଟା ଫାଟକ ପଡ଼ିରହୁଛି। ଫଳରେ ଜନସାଧାରଣଙ୍କ ସହ ମୁଖ୍ୟ ରାସ୍ତାରେ ଯାତାୟାତ କରୁଥିବା ଆମ୍ବୁଲାନ୍ସଗୁଡ଼ିକୁ ମଧ୍ୟ ଏଠାରେ ଅଟକି ରହିବାକୁ ପଡୁଛି। ତେଣୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଠାରେ ଓଭରବ୍ରିଜ୍ ପାଇଁ ଦୀର୍ଘବର୍ଷ ତଳେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ୨୦୧୬ରେ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ୨୦୧୮ରେ ଶେଷ କରାଯିବାର ଲକ୍ଷ୍ୟ ସ୍ଥିର ହୋଇଥିଲା। କିନ୍ତୁ ଧାର୍ଯ୍ୟ ଅବଧିର ୨ ବର୍ଷ ପରେ ବି ଓଭରବ୍ରିଜ୍ ନିର୍ମାଣ ଆଗେଇପାରି ନାହିଁ। ଏ ନେଇ ଅସନ୍ତୋଷ ପ୍ରକାଶ ପାଇଲେ ପ୍ରଶାସନ ପକ୍ଷରୁ କେବଳ ବୈଠକ କରାଯାଉଛି ସିନା ହେଲେ ଦ୍ରୁତ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଗତ ୧୫ ଦିନ ତଳେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଜନପ୍ରତିନିଧିଙ୍କ ଉପସ୍ଥିତିରେ ଏହି ବୈଠକରେ ଓଭରବ୍ରିଜ୍ ଶେଷ କରାଯିବା ନେଇ ଆଲୋଚନା ହୋଇଥିଲା। କଚ୍ଛପ ଗତିରେ ଚାଲୁଥିବା କାର୍ଯ୍ୟ ମାର୍ଚ୍ଚ ୩୧ ସୁଦ୍ଧା ଦ୍ରୁତ ବେଗରେ କରା ନ ଗଲେ ଠିକାଦାର ବଦଳାଯିବା ଉପରେ ଚର୍ଚ୍ଚା ହୋଇଥିଲା। କିନ୍ତୁ ଏପରି ବୈଠକ ଓ ନିଷ୍ପତ୍ତି କେବଳ କୁମ୍ଭୀର କାନ୍ଦଣା ବୋଲି ସହରବାସୀ ମତ ଦେଉଛନ୍ତି। ସେମାନେ କହିଛନ୍ତି, ଏମିତି ବୈଠକ କେତେଥର ବସିଲାଣି। ହେଲେ ତାହା କେବଳ ପ୍ରହସନ ଛଡ଼ା କିଛି ନୁହେଁ। ପ୍ରଶାସନ, ଜନପ୍ରତିନିଧି ଯଦି କଠୋର ଆଭିମୁଖ୍ୟ ରଖୁଥାନ୍ତେ ତା'ହେଲେ ଶନିବାର ୧୮ ମିନିଟ୍ ଧରି ଆମ୍ବୁଲାନ୍ସ ଅଟକି ନ ଥାନ୍ତା। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଓଭରବ୍ରିଜ୍ ନର୍ମାଣ ଶେଷ କରିବାକୁ ସହରବାସୀ ଦାବି କରିଛନ୍ତି।

### କେହି କର୍ଣ୍ଣପାତ କରୁନାହାନ୍ତି



"ଲେଭଲ୍ କ୍ରସିଂରେ ଓଭରବ୍ରିଜ୍ ନିର୍ମାଣ ଶେଷ ହେଉନାହିଁ। ଠିକା ସଂସ୍ଥା ଓ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଡାକି ଆଲୋଚନା କରିଛୁ। କାର୍ଯ୍ୟ ଶେଷ କରିବାକୁ ଅନୁରୋଧ ଓ ତାଗିଦ୍ ମଧ୍ୟ କରାଯାଉଛି। ହେଲେ ସେମାନେ କର୍ଣ୍ଣପାତ କରୁନାହାନ୍ତି। ଅବଧି ସମୟ ବଢ଼ାଇବାକୁ କହୁଛନ୍ତି। ଏ ନେଇ ଜିଲାପାଳଙ୍କୁ ଅବଗତ କରାଯିବ।

-ରଜନୀକାନ୍ତ ସ୍ୱାଇଁ, ତାଳଚେର ଉପଜିଲାପାଳ

### ପ୍ରଶାସନକୁ ଭୟ ନାହିଁ



"ଠିକା ସଂସ୍ଥା କର୍ତ୍ତୃପକ୍ଷ ପ୍ରଶାସନକୁ ଭୟ କରୁନାହାନ୍ତି। ସେଥିପାଇଁ ଦୀର୍ଘବର୍ଷ ହେଲା ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲୁଛି। ଏଥିଯୋଗୁ ଜନସାଧାରଣଙ୍କ ସହ ଆମ୍ବୁଲାନ୍ସରେ ଯାଉଥିବା ରୋଗୀମାନେ ଅସୁବିଧାରେ ପଡୁଛନ୍ତି। ପ୍ରଶାସନ କଠୋର ହେଲେ କାର୍ଯ୍ୟ ଶୀଘ୍ର ଶେଷ ହୋଇପାରନ୍ତା।

-ଆଶୁତୋଷ ଦାସ, ତାଳଚେର ବାସିନ୍ଦା

### ଜୀବନହାନି ହେଲେ କିଏ ଦାୟୀ



"ଓଭରବ୍ରିଜ୍ ନିର୍ମାଣ ଶେଷ ହେଉ ନ ଥିବାରୁ ଏହି ଲେଭଲ୍ କ୍ରସିଂ ପାର ହେବାରେ ସମସ୍ୟା ହେଉଛି। ଦୈନିକ ଘଣ୍ଟା ଘଣ୍ଟା ଧରି ଲୋକେ ଅପେକ୍ଷା କରୁଥିବା ବେଳେ ଆମ୍ବୁଲାନ୍ସ ଅଟକି ରହିବା ରୋଗୀ ଓ ସମ୍ପର୍କୀୟଙ୍କୁ ଚିନ୍ତାରେ ପକାଉଛି। ଯଦି ଜୀବନହାନି ଘଟେ ସେଥିପାଇଁ କାହାକୁ ଦାୟୀ କରାଯିବ।

-କବିତା ରଣା, ତାଳଚେର

### ଦୀର୍ଘବର୍ଷ ତଳୁ ଓଭରବ୍ରିଜ୍ ହେବା ଶୁଣି ଆସୁଛୁ



"ହାଣ୍ଡିଧୁଆରେ ଲେଭଲ୍ କ୍ରସିଂରେ ଓଭରବ୍ରିଜ୍ ହେବ ବୋଲି ଦୀର୍ଘ ବର୍ଷ ତଳୁ ଶୁଣିଆସୁଛୁ। ହେଲେ କେବେ ଏହା ଶେଷ ହେବ ତାହା ନା ଠିକାଦାର ଜାଣିଛନ୍ତି ନା ପ୍ରଶାସନ। ତେଣୁ ଏଥିପ୍ରତି କାହାରି ଆନ୍ତରିକତା ନ ଥିବା ଜଣାପଡୁଛି। ତୁରନ୍ତ ଏମ୍‌ସିଏଲ କର୍ତ୍ତୃପକ୍ଷ ଓ ପ୍ରଶାସନ ତତ୍ପରତା ପ୍ରକାଶ କରିବା ଦରକାର।

-ପ୍ରଭାକର ସାହୁ, ତାଳଚେର

## ପାଗଳ କୁକୁର କାମୁଡ଼ାରେ ୩୦ ଆହତ



**ବନ୍ତଲା, ୨୧।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ତଳଗଡ଼ ଗ୍ରାମରେ ପାଗଳ କୁକୁର ଆତଙ୍କ ଦେଖାଦେଇଛି। କୁକୁର କାମୁଡ଼ାରେ ୩୦ ଜଣ ଆହତ ହୋଇଥିବାବେଳେ ୩୦ ଗୋରୁଙ୍କୁ ଝୁଣି ପକାଇଛି କୁକୁର। ଆହତ ସଙ୍ଗୀତା ପ୍ରଧାନ, ଚୈତନ୍ୟ ପ୍ରଧାନ, ରବୀନ୍ଦ୍ର ସାହୁ, ଶାନ୍ତିଲତା ସାହୁ, ସୁପି ପ୍ରଧାନ, ବିକାଶ ବେହେରା, ବିଦ୍ୟାଧର ଦେହୁରୀ, ଉର୍ମିଳା ସାହୁ, କ୍ଷୀରୋଦ ବେହେରା, ସସ୍ମିତା ସାହୁ, ଗୁରୁବାରି ସାହୁ, ପ୍ରମିଳା ବେହେରା, ଗଣେଶ୍ୱର ସାହୁ, ଭାମା ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ଚଇତା ପ୍ରଧାନ, ଶଶି ପ୍ରଧାନ, ସଞ୍ଜୁଲତା ପ୍ରଧାନ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେହିପରି କୁନା ସାହୁ, ଖିଜୁ ଦେହୁରୀ, ଦିବାକର ପ୍ରଧାନ, ତରୁଣ ବେହେରା, ସୁରେଶ ସାହୁ ପ୍ରମୁଖଙ୍କ ୩୦ ଗାଇ, ବଳଦ ଓ ବାଛୁରୀ କୁକୁର କାମୁଡ଼ାରେ କ୍ଷତାକ୍ତ ହୋଇଛନ୍ତି। ଶେଷ ଖବର ସୁଦ୍ଧା ଗ୍ରାମରେ ଆତଙ୍କ ସୃଷ୍ଟି କରିଥିବା ଉକ୍ତ କୁକୁରକୁ ଗ୍ରାମବାସୀ ମାରିଦେଇଛନ୍ତି। ଏଥିସହ ଆହତଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ଦାବି କରିଛନ୍ତି। ଏ ବିଷୟରେ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଘନଶ୍ୟାମ ବେହେରା କହିଛନ୍ତି, ବନ୍ତଳାରେ କୁକୁର କାମୁଡା ଇଞ୍ଜେକଶନ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଦିଆଯାଉଛି। ସିଡିଏମ୍‌ଓଙ୍କ ନିକଟରେ ଅଭିଯୋଗ କଲେ ସେ ନିଷ୍ପତ୍ତି ନେବେ ବୋଲି କହିଥିଲେ।

# ବାହା ପାରବରେ ଝୁମିଲେ ସାନ୍ତାଳୀ


ବାହା ପାରବରେ ପ୍ରମୁଖ ଆକର୍ଷଣ ସାଜିଥିବା ସାନ୍ତାଳୀ ନୃତ୍ୟ।

**ବଅଁରପାଳ, ୨୧।୩(ଡି.ଏନ.ଏ.)**

ନାଲ୍‌କୋସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁନଗର ଟାଙ୍କି ହଟିଙ୍ଗ୍‌ରେ ରବିବାରଠାରୁ ଆରମ୍ଭ ହୋଇଛି ସାନ୍ତାଳୀଙ୍କ ବାହା ପରବ। ଏହି କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହେବ। ବାହା ପାରବରେ ପ୍ରମୁଖ ଆକର୍ଷଣ ସାଜିଥିଲା ସାନ୍ତାଳୀ ନୃତ୍ୟ। ପାରମ୍ପରିକ ବାଦ୍ୟର ତାଳେତାଳେ ମହିଳାପୁରୁଷମାନେ ଝୁମି ଉଠିଥିଲେ। ସକାଳେ ନାଏକ (ପୂଜକ)ଙ୍କ ଘରୁ ଏକ ଶୋଭାଯାତ୍ରା ବାହାରିଥିଲା। ବାଦ୍ୟନୃତ୍ୟର ତାଳେତାଳେ ସମସ୍ତେ ଜାହେର ଗାର୍ଡକୁ ଆସିଥିଲେ। ସେଠାରେ ପାରମ୍ପରିକ ନୀତି ଅନୁଯାୟୀ ସାଲାଇ ପୂଜା କରାଯାଇଥିଲା। ଠାକୁରଙ୍କ ନିକଟରେ ନୂଆ ଫୁଲଫଳ ଅର୍ପଣ କରାଯାଇଥିଲା। ସକାଳେ ହଟିଂ ପରିକ୍ରମା କରି ମହିଳାପୁରୁଷମାନେ କାନରେ ଶାଳପତ୍ର ଓ ଫୁଲ ଲଗାଇ ନୃତ୍ୟ ପରିବେଷଣ କରିଥିଲେ। ହଟିଙ୍ଗ ମୁଖିଆ ରତନ ସର୍ଦ୍ଦାର, ବାଲିୟା ହଂସଦା, ଜିତ୍ରାଇ ହଂସଦା, ନାୟେକେ ଅର୍ଜୁନ ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଙ୍ଗଲ ସୃଷ୍ଟି କରିବାକୁ ପରାମର୍ଶ

**ମାଧପୁର/ ଆଠମଲ୍ଲିକ, ୨୧।୩**

ଆଠମଲ୍ଲିକ ନଅଗାଁ ପଞ୍ଚାୟତସ୍ଥିତ ନୂଆଗଡ଼ ଗ୍ରାମଠାରେ ରବିବାର ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି ଆନୁକୂଲ୍ୟରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ରେଞ୍ଜ ଅଫିସର କୈଳାସ ଚନ୍ଦ୍ର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଜଳ, ବନ୍ୟଜୀବନ ସୁରକ୍ଷା ଲାଗି ଜନସଚେତନତା ସହିତ ଜଙ୍ଗଲ ସୃଷ୍ଟି କରିବାକୁ ରେଞ୍ଜ ଅଫିସର ପରାମର୍ଶ ଦେଇଥିଲେ। ସେହିପରି ଜଙ୍ଗଲରେ ନିଆଁ ନ ଲଗାଇବାକୁ ଅନୁରୋଧ କରାଯାଇଥିଲା। ମ୍ୟାଜିସିଆନ ବିମଳ କୁମାର ବିଶ୍ୱାଳ ଏବଂ ସାଥୀ ମ୍ୟାଜିକ୍ ମାଧ୍ୟମରେ ସଚେତନ ବାର୍ତ୍ତା ବାଣ୍ଟିଥିଲେ। ଏଥିରେ ଓଏଫଏସଡି (ବନାୟନ) କର୍ମକର୍ତ୍ତା, ଆଠମଲ୍ଲିକ ବନାଞ୍ଚଳ ଅଧିକାରୀ ଏବଂ କର୍ମଚାରୀ, ଏଫଇଏସ୍ କର୍ମକର୍ତ୍ତା, ନୂଆଗଡ ଗ୍ରାମବାସୀ ଉପସ୍ଥିତ ଥିଲେ। ନିରଞ୍ଜନ ହୋତା, ଜିତେନ୍ଦ୍ର ନାୟକ ପରିଚାଳନା କରିଥିଲେ।

## ସାନ୍ତ୍ୱନା ଦେବାକୁ ଶବ୍ଦ ଅଭାବ


ମୁଖ୍ୟ ଚିକିତ୍ସାଳୟରେ ଶୋକାକୁଳ ପରିବେଶ

**ଅନୁଗୋଳ ଅଫିସ, ୨୧।୩**

ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ଜରପଡ଼ା ବସ୍‌ଷ୍ଟାଣ୍ଡଠାରେ ରବିବାର ସକାଳେ ଆମ୍ବୁଲାନ୍ସ ଓ ଗ୍ୟାସ୍ ଟ୍ୟାଙ୍କର ଧକ୍କାରେ ପ୍ରାଣ ହରାଇଥିବା ୩ ଭାଇଙ୍କ ସମେତ ୪ ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଦୁର୍ଘଟଣା ଖବରପାଇ ମୃତକଙ୍କ ପରିବାର ଲୋକେ ଅନୁଗୋଳ ମେଡିକାଲରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବିଷ ପିଇଥିବା ଭାଇ ବବୁଲ ମେହେର (୨୪)ଙ୍କୁ ବଞ୍ଚାଇବାକୁ ଶନିବାର ରାତିରେ ବୁର୍ଲା ମେଡିକାଲରୁ କଟକ ଆଣୁଥିବା ଦାଦା ପୁଅ ଭାଇ ଚନ୍ଦନ ମହେର (୨୨) ଓ ମାଉସୀ ପୁଅ ଭାଇ ଗୁଣ୍ଡା ମେହେର (୨୨) ବବୁଲଙ୍କ ସହ ପ୍ରାଣ ହରାଇବା ୩ ସମ୍ପର୍କୀୟ ପରିବାରକୁ ଶୋକରେ ବୁଡ଼ାଇ ଦେଇଛି। ମୃତଦେହ ବ୍ୟବଚ୍ଛେଦ କରି ପୋଲିସ ହସ୍ତାନ୍ତର କରିବା ବେଳେ ମେଡିକାଲ ପରିସର କାନ୍ଦବୋବାଳିରେ ଯେପରି ଫାଟି ପଡ଼ିଥିଲା। ସାନ୍ତ୍ୱନା ଦେବାକୁ ଉପସ୍ଥିତ ଥିବା ଅନ୍ୟ ସମ୍ପର୍କୀୟଙ୍କ ପାଖିରେ ଶବ୍ଦ ନ ଥିଲା। ସେହିପରି ମୃତ ବବୁଲଙ୍କ ବାପା ରବି ମେହେର ଓ ଦାଦା ଲିଙ୍ଗରାଜ ମେହେରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରିବାର ଲୋକେ ଧୈର୍ଯ୍ୟ ଧରିବା ଅବସ୍ଥାରେ ନ ଥିଲେ।

## 'ଗାନ୍ଧିଜୀଙ୍କ ସ୍ୱପ୍ନ ପୂରଣ କର'

**ବଇଣ୍ଡା, ୨୧।୩(ଡି.ଏନ.ଏ.)**

ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ଉପଲକ୍ଷେ କିଶୋରନଗର ବ୍ଲକ ବାମୁରଠାରେ ମହାତ୍ମା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରବିବାର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ବାମୁରସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀ ଦେଶ ପାଇଁ ଅନେକ ସ୍ୱପ୍ନ ଦେଖିଥିଲେ। ସେସବୁକୁ ପୂରଣ କରିବା ଲାଗି ଯୁବପିଢ଼ି ଆଗକୁ ଆସିବା ଦରକାର ବୋଲି ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ନିଶାସେବନରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଥିଲା। ଟ୍ରଷ୍ଟ ସମ୍ପାଦକ ଗୋକୁଳା ନନ୍ଦ ପ୍ରଧାନ, ସହ ସମ୍ପାଦକ ଜୟକୃଷ୍ଣ ପ୍ରଧାନ, ନବକିଶୋର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଆଠମଲ୍ଲିକ ବିଜେଡି ସଭାପତି ବୃନ୍ଦାବନ ସାହୁ, ବୀରକିଶୋର ପ୍ରଧାନ, ତାପସ ସାହୁ ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।


ମହାତ୍ମା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସାଧାରଣ ସଭା।

## ଛାତ୍ରୀଛାତ୍ରଙ୍କୁ ନିଆଁ ଲିଭା ତାଲିମ

**ଛେଣ୍ଡିପଦା, ୨୧।୩(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପକ୍ଷରୁ ଏକ ସପ୍ତାହବ୍ୟାପୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ନିକଟସ୍ଥ ଗ୍ରାମଗୁଡ଼ିକୁ ସଚେତନତା ଅଭିଯାନରେ ଯିବା ସହିତ ବାଇକ ଆରୋହୀମାନଙ୍କୁ ହେଲମେଟ ପନ୍ଧିବା, ମାସ୍କ ପନ୍ଧିବା, ହାତ ଧୋଇବା ଏବଂ ସାନିଟାଇଜ କରିବା ଆଦିର ଆବଶ୍ୟକତା ଉପରେ ବୁଝାଇଥିଲେ। ଜେଏସପିଏଲ ଅଗ୍ନିଶମ ସୁରକ୍ଷା ବିଭାଗ ପକ୍ଷରୁ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କୁ ଅଗ୍ନି ଲିଭାଇବା ତାଲିମ ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁ ଘରେ ଏବଂ ବାହାରେ ଆମେ କିପରି ସୁରକ୍ଷିତ ରହିପାରିବା ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ରମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଆଲୋକମାଳାରେ ଝଲସିବ ଅଟ୍ଟାଳିକା


ପ୍ରସ୍ତୁତି ବୈଠକରେ ଜିଲା ପ୍ରଶାସନିକ ଅଧିକାରୀମାନେ।

### ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

**ଅନୁଗୋଳ ଅଫିସ, ୨୧।୩**

ଅନୁଗୋଳରେ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରଶାସନ ପକ୍ଷରୁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ବୈଠକରେ ଅଧ୍ୟକ୍ଷତା କରି କହିଥିଲେ ଯେ, କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସଚେତନ ଓ ସତର୍କ ହୋଇ ଉକ୍ତ ଦିବସ ପାଳନ କରାଯିବ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ ବିଭିନ୍ନ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ଦିବସ ପୂର୍ବରୁ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିର ମରାମତି ଓ ରଙ୍ଗ କରାଯିବ। ଉକ୍ତ ଦିନ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ବ୍ଲଡ ବ୍ୟାଙ୍କ ଓ ସ୍ୱେଚ୍ଛାକୃତ ରକ୍ତଦାତା ସଂଘର ମିଳିତ ଉଦ୍ୟମରେ ରକ୍ତ ଦାନ ଶିବିର ଆୟୋଜିତ ହେବ। ସଂଧ୍ୟାରେ ସଭାଘର ପରିସରରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲାର ସମସ୍ତ ସରକାରୀ, ବେସରକାରୀ, ଶିଳ୍ପ ସଂସ୍ଥା, ବ୍ୟାଙ୍କ ଓ ବ୍ୟବସାୟ ପ୍ରତିଷ୍ଠାନକୁ ଆଲୋକମାଳାରେ ସୁସଜ୍ଜିତ କରାଯିବ। ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତୀ ଅବସରରେ ଆସନ୍ତା ୨୩ ତରିଖ ସନ୍ଧ୍ୟାରେ ସ୍ଥାନୀୟ ସଭାଘର ଠାରେ ନାଟକ ଅନୁଷ୍ଠିତ ହେବ। ଏହି ବୈଠକରେ ଜିଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଧନ୍ୟବାଦ ଦେଇଥିଲେ।

